# NATIONAL NEWS BULLETIN (ODIA)
## 27th September - 2025
## Morning Bulletin : 7.15 a.m.

********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଦିନିକିଆ ଓଡ଼ିଶା ଗସ୍ତରେ ଆସି ଆଜି ୬୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ଆହ୍ଲାବାଦ ହାଇକୋର୍ଟରେ ୨୪ ଜଣ ବିଚାରପତିଙ୍କୁ ନିଯୁକ୍ତି ଦେଲେ ରାଷ୍ଟ୍ରପତି ।

- ନୂତନ ପିଢ଼ିର ଜି.ଏସ୍.ଟି. ଲାଗୁ ହେବା ପରେ ପର୍ଯ୍ୟଟନ ଏବଂ ସାଧାରଣ ଗମନାଗମନ ବ୍ୟବସ୍ଥାକୁ ମିଳିଛି ଗୁରୁତ୍ୱ ।

- ଆସନ୍ତାମାସ ପହିଲାରୁ ଲାଗୁ ହେବ ସ୍ପିଡ୍ ଡାକସେବା କ୍ଷେତ୍ରରେ ପରିବର୍ତ୍ତିତ ଦର ।

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ସୁପର ଫୋର୍ ପର୍ଯ୍ୟାୟରେ ଶ୍ରୀଲଙ୍କାକୁ ସୁପର୍ ଓଭର୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. - ଓଡ଼ିଶା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାଠାରେ ୬୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହିସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଟେଲି ଯୋଗାଯୋଗ, ରେଳ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ ଏବଂ ଗ୍ରାମାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ର ରହିଛି । ଶ୍ରୀ ମୋଦି ସେଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଟେଲି ଯୋଗାଯୋଗ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆଜି ୩୭ ହଜାର କୋଟି ଟଙ୍କାରେ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ୯୭ ହଜାର ୫୦୦ଟି ଫୋର୍-ଜି ଟାୱାର୍‌କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ଟାୱାର୍‌ଗୁଡ଼ିକ ମଧ୍ୟରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ - ବି.ଏସ୍.ଏନ୍.ଏଲ୍.ର ୯୨ ହଜାର ୬୦୦ଟି ଫୋର୍-ଜି ଜ୍ଞାନକୌଶଳ ସମ୍ବଳିତ ସ୍ଥାନ ରହିଛି । ୧୮ ହଜାର ୯୦୦ଟି ସ୍ଥାନରେ ଡିଜିଟାଲ୍ ଭାରତ ନିଧି ଅଧୀନରେ ଆରମ୍ଭ ହେବାକୁ ଥିବା ଫୋର୍-ଜି ସେବା ରାଜ୍ୟର ଦୂର

ଦୂରାନ୍ତ ଅଞ୍ଚଳ ସମେତ ମାଓବାଦୀ ପ୍ରଭାବିତ ଅଞ୍ଚଳର ୨୦ ଲକ୍ଷ ନୂଆ ଉପଭୋକ୍ତାଙ୍କୁ ସେବା ଯୋଗାଇଦେବ ।

ଶ୍ରୀ ମୋଦି ଆଜି କେତେକ ରେଳ ପ୍ରକଳ୍ପର ଏହି ଅବସରରେ ଉଦ୍‌ଘାଟନ କରିବେ । ସମ୍ବଲପୁର-ସର୍‌ଲା ରେଳ ଫ୍ଲାଏଓଭର୍‌ର ଭିତ୍ତିପ୍ରସ୍ତର ସ୍ଥାପନ ସହ କୋରାପୁଟ-ବାଲିଗୁଡ଼ା ଓ ମାନବର-କୋରାପୁଟ-ଗୋରାପୁର ଲାଇନ୍‌ର ଦୋହରୀକରଣ କାର୍ଯ୍ୟକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ପ୍ରକଳ୍ପଦ୍ୱାରା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକ ମଧ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ବୃଦ୍ଧି ପାଇବ । ଓଡ଼ିଶା ଗସ୍ତ ଅବସରରେ ଶ୍ରୀ ମୋଦି ବ୍ରହ୍ମପୁର ଏବଂ ଗୁଜରାଟ୍ ସୁରତ୍‌ର ଉଧନା ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରୁ ୮ଟି ଆଇ.ଆଇ.ଟି.ର ସମ୍ପ୍ରସାରଣ କାର୍ଯ୍ୟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ୧୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ତିରୁପତି, ପାଲକଡ଼, ଭିଲାଇ, ଜମ୍ମୁ, ଧର୍‌ୱାଡ଼୍, ଯୋଧପୁର, ପାଟନା ଏବଂ ଇନ୍ଦୋର ଆଇ.ଆଇ.ଟି.ର ସମ୍ପ୍ରସାରଣ କାର୍ଯ୍ୟ କରାଯିବ । ଦେଶରେ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ବିକାଶ, ଗବେଷଣା ଏବଂ ନବସୃଜନ ଲାଗି ୨୭୫ଟି ଇଞ୍ଜିନିୟରିଂ ଏବଂ ପଲିଟେକ୍‌ନିକ୍ ପ୍ରତିଷ୍ଠାନରେ ବହୁମୁଖୀ ଶିକ୍ଷା ଏବଂ ଗବେଷଣା ବିକାଶ କାର୍ଯ୍ୟକ୍ରମର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ।

ଅନ୍ୟପକ୍ଷରେ ଶ୍ରୀ ମୋଦି ଆଜି ରାଜ୍ୟର କୌଶଳ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏହି ଯୋଜନାରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ କୌଶଳ କେନ୍ଦ୍ର ସ୍ଥାପନ କରାଯିବ ।

ପ୍ରଧାନମନ୍ତ୍ରୀ ବ୍ରହ୍ମପୁରର ଏମ୍.କେ.ସି.ଜି. ମେଡିକାଲ୍ କଲେଜ ଓ ସମ୍ବଲପୁରର ଭୀମ୍ସାର୍‌କୁ ବିଶ୍ୱସ୍ତରୀୟ କରିବା ଉଦ୍ଦେଶ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଆଜିର କାର୍ଯ୍ୟକ୍ରମରେ ଶ୍ରୀ ମୋଦି ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ଗୃହ ନିର୍ମାଣ ଆଦେଶ ବଣ୍ଟନ କରିବାର ଯୋଜନା ରହିଛି । ଏହି ଯୋଜନାରେ ଦିବ୍ୟାଙ୍ଗ, ବିଧବା, ରୋଗଗ୍ରସ୍ତ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ ଲୋକମାନଙ୍କୁ ପକ୍କାଘର ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

## ପ୍ରେଜ୍ - ଜଜେସ୍ ଆପଏଣ୍ଟମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ଲାବାଦ ହାଇକୋର୍ଟରେ ୨୪ ଜଣ ବିଚାରପତିଙ୍କୁ ନିଯୁକ୍ତି ଦେଇଛନ୍ତି । ସେହି ବିଚାରପତିଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିବେକ ଶରଣ, ଗରିମା ପ୍ରସାଦ ଏବଂ ସୁଧାଂଶୁ ଚୌହାନ୍ ଅଛନ୍ତି । ଏହାଛଡ଼ା ରାଷ୍ଟ୍ରପତି ହିମାଚଳ ପ୍ରଦେଶ ହାଇକୋର୍ଟର ୨ ଜଣ

ବିଚାରପତି ଏବଂ କର୍ଣ୍ଣାଟକ ହାଇକୋର୍ଟର ଜଣେ ସ୍ଥାୟୀ ବିଚାରପତି ଏବଂ ୩ ଜଣ ଅତିରିକ୍ତ ବିଚାରପତିଙ୍କୁ ନିଯୁକ୍ତି ଦେଇଛନ୍ତି । ଭାରତର ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା ପରେ ଏହିସବୁ ନିଯୁକ୍ତି ପ୍ରଦାନ କରାଯାଇଛି ।

## ଜିଏସ୍‌ଟି ରିଫର୍ମସ୍ - ଟୁରିଜିମ୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶରେ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିଛି । ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସହାର ମାଧ୍ୟମରେ ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ, ଦୁଇ ଥାକିଆକୁ ପରିବର୍ତ୍ତନ କରିଛି । ପୂର୍ବରୁ ଥିବା ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ନୂତନ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ପର୍ଯ୍ୟଟନ ଏବଂ ସାଧାରଣ ଗମନାଗମନ ବ୍ୟବସ୍ଥାକୁ ସୁବିଧାଜନକ କରିବାପାଇଁ ତଥା

ସେହି କ୍ଷେତ୍ରରେ ପୁଞ୍ଜିନିବେଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଦକ୍ଷେପ ନେଇଛନ୍ତି । ୭ ହଜାର ୫୦୦ ଟଙ୍କାରୁ କମ୍ ହୋଟେଲ୍ ରୁମ୍‌ଗୁଡ଼ିକ କ୍ଷେତ୍ରରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ମଧ୍ୟମବର୍ଗର ଲୋକେ ବିଭିନ୍ନ ସ୍ଥାନ ପରିଦର୍ଶନ କରିବାର ସୁଯୋଗ ପାଇବେ ।

ଅନ୍ୟପକ୍ଷରେ ବିମାନଯାତ୍ରା କ୍ଷେତ୍ରରେ ଇକୋନୋମି ଶ୍ରେଣୀରେ ଜି.ଏସ୍.ଟି. ହାର ୫ ପ୍ରତିଶତ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ପର୍ଯ୍ୟଟନ ଏବଂ ସାଧାରଣ ଗମନାଗମନ ବ୍ୟବସ୍ଥାକୁ ଆହୁରି ସହଜ କରିବାକୁ ଯାଇ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଇ-ବସ୍ ସେବା ସହ ଘରୋଇ ଏବଂ ସରକାରୀ ଭାଗିଦାରିତାରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି ।

## ପୋଷ୍ଟ - ଟାରିଫ୍

ଭାରତୀୟ ଡାକ ବିଭାଗ ଦେଶ ମଧ୍ୟରେ ସ୍ପିଡ୍ ପୋଷ୍ଟ ମୂଲ୍ୟରେ ପରିବର୍ତ୍ତନ କରିଛି । ଏହାଛଡ଼ା ସ୍ପିଡ୍‌ପୋଷ୍ଟ ସେବାକୁ ଉପଭୋକ୍ତାକୈନ୍ଦ୍ରିକ ଓ ଅଧିକ ସୁରକ୍ଷିତ କରିବା ଲାଗି କେତେକ ପଦକ୍ଷେପ ଗ୍ରହଣ କରିଛି । ଆସନ୍ତାମାସ ୧ ତାରିଖରୁ ସ୍ପିଡ୍‌ପୋଷ୍ଟ କ୍ଷେତ୍ରରେ ପରିବର୍ତ୍ତିତ ମୂଲ୍ୟ ଲାଗୁ

ହେବ । ନୂଆ ତାରିଫ୍ ଅନୁଯାୟୀ ୫୦ ଗ୍ରାମ୍ ଓଜନ ପର୍ଯ୍ୟନ୍ତ ୧୯ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ୫୦ ଗ୍ରାମ୍‌ରୁ ୨୫୦ ଗ୍ରାମ୍ ଓଜନ ମଧ୍ୟରେ ୨୪ ଟଙ୍କା ଏବଂ ୨୫୦ ଗ୍ରାମ୍‌ରୁ ୫୦୦ ଗ୍ରାମ୍ ମଧ୍ୟରେ ୨୮ ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୦ରୁ ୨ ହଜାର କିଲୋମିଟର ମଧ୍ୟରେ ୫୦ ଗ୍ରାମ୍ ପର୍ଯ୍ୟନ୍ତ ସ୍ପିଡ୍‌ପୋଷ୍ଟ ପାଇଁ ୪୭ ଟଙ୍କା ଲାଗୁ କରାଯିବ । ସେହିପରି ୫୦ ଗ୍ରାମ୍‌ରୁ ୨୫୦ ଗ୍ରାମ୍ ଯାଏଁ ୨୦୦ କିଲୋମିଟର ଅଣଷଠି ଟଙ୍କା ଏବଂ ୨ ହଜାର କିଲୋମିଟର ପର୍ଯ୍ୟନ୍ତ ୭୭ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଡାକ ବିଭାଗ ପକ୍ଷରୁ ଶେଷ ଥରପାଇଁ ୨୦୧୨ ମସିହା ଅକ୍ଟୋବର ମାସରେ ମୂଲ୍ୟ ପରିବର୍ତ୍ତନ କରାଯାଇଥିଲା ।

ଅନ୍ୟ ଏକ ପଦକ୍ଷେପ ଅନୁଯାୟୀ ସ୍ପିଡ୍‌ପୋଷ୍ଟ କ୍ଷେତ୍ରରେ ଓ.ଟି.ପି. ବ୍ୟବସ୍ଥା ସହ ଅନ୍‌ଲାଇନ୍ ପେମେଣ୍ଟ ଓ ଏସ୍.ଏମ୍.ଏସ୍. ଯାଞ୍ଚ୍ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି ।

## ସେବାପର୍ବ-ଲଷ୍ଟ ହେରିଟେଜ୍

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ସାରା ବିଶ୍ୱରୁ ଚୋରି ହୋଇଥିବା ମୂର୍ତ୍ତି ଏବଂ ପ୍ରାଚୀନ ଜିନିଷଗୁଡ଼ିକୁ ଫେରାଇ ଆଣି ଭାରତର ସାଂସ୍କୃତିକ ଗୌରବକୁ ପୁନର୍ଜୀବିତ କରିଛନ୍ତି :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ସାଂସ୍କୃତିକ ଯାତ୍ରା ସାରା ବିଶ୍ୱପାଇଁ ଉଦାହରଣ ପାଲଟିଛି । ବିଦେଶରୁ ଚୋରି ହୋଇଥିବା ମୂର୍ତ୍ତି ଫେରାଇ ଆଣିବାଠାରୁ ଆରମ୍ଭ କରି ହଜି ଯାଇଥିବା ପ୍ରାଚୀନ ଜିନିଷଗୁଡ଼ିକୁ ପୁନର୍ଜୀବିତ କରିବା ପର୍ଯ୍ୟନ୍ତ, ସଂସ୍କୃତି ଓ ଐତିହ୍ୟ ସହ ଜଡ଼ିତ ପରମ୍ପରାକୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପୁଣି ଥରେ ଲୋକଲୋଚନକୁ ଆଣିପାରିଛନ୍ତି ।

**V/O-PM Lost heritage**

୨୦୧୪ ମସିହାରୁ ଚୋରି ହୋଇଥିବା ୬୪୨ଟି ପୁରାତନ ଜିନିଷକୁ ଠାବ କରାଯାଇ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରହିଥିବାବେଳେ ୨୦୧୩ ମସିହାରେ ଏହି ସଂଖ୍ୟା ୧୩ଟି ଥିଲା । ଅନେକ କଳାକୃତି ବିଦେଶକୁ ଚୋରାଚାଲାଣ କରାଯାଇଥିବାବେଳେ କେନ୍ଦ୍ର ସରକାର କୂଟନୈତିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ସଂସ୍କୃତିର ସହଯୋଗ ବଳରେ ପୁନରୁଦ୍ଧାର କରିଛନ୍ତି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଭଗବାନ୍ ବୁଦ୍ଧଙ୍କ ଅବଶେଷକୁ ଦେଶକୁ ଫେରାଇ ଆଣିବା ସହ ଲଣ୍ଡନରୁ ବ୍ରହ୍ମା ଏବଂ ବ୍ରାହ୍ମଣିକ ପଥରମୂର୍ତ୍ତି ଆମେରିକାରୁ ନୃତ୍ୟମୁଦ୍ରାରେ ନଟରାଜଙ୍କ ବାଲିପଥର ପ୍ରତିମା, ଅଷ୍ଟ୍ରେଲିଆରୁ ବୁଦ୍ଧ, କାନାଡ଼ାରୁ ପ୍ୟାରଟ୍ ଲେଡ଼ି ଏବଂ ଆମେରିକାରୁ ବାହୁବଳୀଙ୍କ ଧାତୁ ପ୍ରତିମା ଭାରତ ଅଣାଯାଇଛି ।

**V/O-PM heritage**

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଐତିହ୍ୟ କେବଳ ଇତିହାସ ନୁହେଁ, ଏହା ମାନବତାର ଏକ ସହଭାଗୀ ଚେତନା ।

**Seba Parba Closing**

# ଓଡ଼ିଶା ସି.ଏମ୍. ଫ୍ଲଡ୍ ୱାର୍ଣ୍ଣିଙ୍ଗ୍

ବଙ୍ଗୋପସାଗରରେ ପୁଣି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଫଳରେ ପ୍ରବଳ ବର୍ଷା ଓ ତଦ୍‌ଜନିତ ପରିସ୍ଥିତିର ମୁକାବିଲା ଲାଗି ଓଡ଼ିଶାର ୧୭ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବା ସହ ପୁଣି ବନ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଝାରସୁଗୁଡ଼ାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଲଘୁଚାପ ପ୍ରଭାବରେ କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଅନ୍ୟ ୧୪ଟି ଜିଲ୍ଲାକୁ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଏନ୍.ଆଇ.ଏ. - ହିଜିବୁଲ୍

ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ. ଏକ ପ୍ରତିବନ୍ଧିତ ଆତଙ୍କବାଦୀ ସଙ୍ଗଠନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଅଭିଯୋଗରେ ହିଜିବୁଲ୍ ମୁଜାହିଦ୍ଦିନ୍ ଆତଙ୍କୀ ଗୋଷ୍ଠୀର ସମ୍ପତ୍ତି ବାଜ୍ୟାପ୍ତି ଲାଗି ପଦକ୍ଷେପ ନେବା ଆରମ୍ଭ କରିଛି । ସମ୍ପୃକ୍ତି ପ୍ରତିବନ୍ଧିତ ଆତଙ୍କବାଦୀ ଗୋଷ୍ଠୀ କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ଲିପ୍ତ ଥିଲା । ଜମ୍ମୁସ୍ଥିତ ଏନ୍.ଆଇ.ଏ.ର ସ୍ୱତନ୍ତ୍ର କୋର୍ଟ ଚଳିତ ବର୍ଷ ଏପ୍ରିଲ୍ ମାସରେ ତାରିକ୍ ଅହମ୍ମଦ ମିର୍'ର ସମ୍ପତ୍ତି ବାଜ୍ୟାପ୍ତି ଲାଗି ନିର୍ଦ୍ଦେଶ ଦେଇଥିଲେ । ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବା ଲାଗି ଚେଷ୍ଟା କରୁଥିବା ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକର କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ଏନ୍.ଆଇ.ଏ. ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ସୁପର ଓଭର୍ ଜରିଆରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ ୬ଟିଯାକ ମ୍ୟାଚ୍‌ରେ

ବିଜୟ ହାସଲ କରିଥିବାବେଳେ ଶ୍ରୀଲଙ୍କା ପ୍ରତିଯୋଗିତାର ବାଦ୍ ପଡ଼ିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୨୦୨ ରନ୍ କରିଥିବାବେଳେ ଶ୍ରୀଲଙ୍କା ମଧ୍ୟ ସମାନ ସଂଖ୍ୟ ଓଭର୍‌ରେ ୨୦୨ ରନ୍ ସ୍କୋର କରିଥିଲା । ଫଳରେ ସୁପର୍ ଓଭର୍ ଖେଳାଯାଇଥିଲା । ସୁପର୍ ଓଭର୍‌ରେ ଭାରତର ଅର୍ଶଦୀପ ସିଂହ ୨ ରନ୍‌ରେ ୨ଟି ୱିକେଟ୍ ନେଇଥିଲେ । ଭାରତ ଗୋଟିଏ ବଲ୍‌ରେ ୩ ରନ୍ ହାସଲ କରି ବିଜୟ ଲାଭ କରିଥିଲା ।

ଆସନ୍ତାକାଲି ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

*****